ପାଠ- ୧୩

# ବେଙ୍ଗୁଲୀ କରୁଛି କେଁ କଟର

## STUDY NOTES

### ୧. (କ) ପଢ଼ ଓ ଲେଖ ।

| | | | |
|---|---|---|---|
| ଫର୍ଦ୍ଦ | .................... | ଅର୍ଦ୍ଦଳି | .................... |
| ବୁଦ୍ଧ | .................... | ଶୁଦ୍ଧ | .................... |
| ବିଶୁଦ୍ଧ | .................... | କରମର୍ଦ୍ଦନ | .................... |
| ଶବ୍ଦ | .................... | ଶନିଶ୍ଚର | .................... |
| ଊର୍ଦ୍ଧ୍ୱ | .................... | ନିଶ୍ଚୟ | .................... |
| ଶବ୍ଦାବଳୀ | .................... | ଯୁଦ୍ଧ | .................... |
| ଉଦ୍ଭଟ | .................... | ଅର୍ଦ୍ଧରାତ୍ର | .................... |
| ପଶ୍ଚିମ | .................... | | |

ODM EDUCATIONAL GROUP Changing your Tomorrow

### (ଖ) ଚିତ୍ର ଦେଖ ଓ ବାଜାଗୁଡ଼ିକର ନାମ କୁହ ।


ଢୋଲକି


ତୁବିତାବଲା


ବୀଣା


ତୂରୀ


ବେହେଲା

|  |  |  |  |  |
|---|---|---|---|---|
| ଗୀଟାର | ଖଞ୍ଜଣି | ମୃଦଙ୍ଗ | ହାର୍‌ମୋନିୟମ୍ | ବଂଶୀ |

୨. ପାଠଟି ପଢ଼। ସେଥିରେ ଥିବା 'ଦ୍ଦ, ଦ୍ଧ, ବ୍ଦ, ଶ୍ଚ, ଦ୍ଭ' ଅକ୍ଷର ଥିବା ଶବ୍ଦଗୁଡ଼ିକୁ ଫୁଲର ଉପଯୁକ୍ତ ପାଖୁଡ଼ାରେ ଲେଖ।




୩. ଅସଜଡ଼ା ଶବ୍ଦକୁ ସଜାଡ଼ି ଲେଖ।

| | | | |
|---|---|---|---|
| ସରର୍ଦ୍ଦା | ସର୍ଦ୍ଦାର | ମାର୍ଦ୍ଦନ | ନର୍ଦ୍ଦମା |
| ଉରଦ୍ଧା | ଉଦ୍ଧାର | ବିଦ୍ଧରୁ | ବିରୁଦ୍ଧ |
| ଉଦଦ୍ଭି | ଉଦ୍ଭିଦ | ସ୍ୱବଭା | ସ୍ୱଭାବ |

ଶଦ୍ଦୀତା ଶତାବ୍ଦୀ ଭୁତଅ ଅଦ୍ଭୁତ

ମଶ୍ଚିପ ପଶ୍ଚିମ ଶନିଃଦ ନିଃଶବ୍ଦ

**୪. ରେଖାଙ୍କିତ ଅକ୍ଷରରେ ଲେଖାଥିବା ଭୁଲ ଶବ୍ଦଟିକୁ କାଟି ବାକ୍ୟଟି ସଜାଅ।**

କ) ସୂର୍ଯ୍ୟ **ପୂର୍ବ** ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି।

ଉ: ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି।

ଖ) ବିଦ୍ୟାଳୟରେ ବାଘ ଦେଖି ପିଲାଟି ଆଶ୍ଚର୍ଯ୍ୟ **ନିର୍ଭୟ** ହୋଇଗଲା।

ଉ: ବିଦ୍ୟାଳୟରେ ବାଘ ଦେଖି ପିଲାଟି ଆଶ୍ଚର୍ଯ୍ୟ ହୋଇଗଲା।

ଗ) ଉଦ୍ଭିଦ **ପ୍ରାଣୀ**ମାନେ ଚଲାବୁଲା କରିପାରନ୍ତି ନାହିଁ।

ଉ: ଉଦ୍ଭିଦମାନେ ଚଲାବୁଲା କରିପାରନ୍ତି ନାହିଁ।

ଘ) **ଅଶ୍ୱ** ଶାର୍ଦ୍ଦୁଳ ବଣରେ ରହେ।

ଉ: ଶାର୍ଦ୍ଦୁଳ ବଣରେ ରହେ।

ଙ) ଢୋଲ ବଜାଇଲେ ଜୋର୍‌ରେ ଶବ୍ଦ **ଗନ୍ଧ** ହୁଏ।

ଉ: ଢୋଲ ବଜାଇଲେ ଜୋର୍‌ରେ ଶବ୍ଦ ହୁଏ।

ଚ) ମୋ ଜେଜେ **ଯୁବକ** ବୃଦ୍ଧ ହୋଇଗଲେଣି।

ଉ: ମୋ ଜେଜେ ବୃଦ୍ଧ ହୋଇଗଲେଣି।

**୫. ବନ୍ଧନୀ ମଧ୍ୟରୁ ଶବ୍ଦ ନେଇ ଖାଲି ଜାଗାରେ ଲେଖ।**

(ନିଶ୍ଚୟ, ବୁଦ୍ଧିଆ, ସର୍ଦ୍ଦି, ନିଃଶବ୍ଦ, ଅଦ୍ଭୁତ)

କ) କାଲି ରାତିରେ ମୁଁ ଗୋଟିଏ ଅଦ୍ଭୁତ ସ୍ୱପ୍ନ ଦେଖିଲି।

ଖ) ପିଲାଟି ସର୍ଦ୍ଦି ଯୋଗୁ ନାକ ସୁଁ ସୁଁ କରୁଛି ।

ଗ) ମୋ ମାମୁ କାଲି ନିଶ୍ଚୟ ଆସିବେ ।

ଘ) ବିଲୁଆ ଏକ ବୁଦ୍ଧିଆ ପ୍ରାଣୀ ।

**୬. ଗପଟିକୁ ପଢ଼ି ଉତ୍ତର ଲେଖ ।**

କ) କଇଁଛ କ'ଣ ବଜାଉଥିଲା ?

ଉ: କଇଁଛ ମର୍ଦ୍ଦଳ ବଜାଉଥିଲା ।

ଖ) ଶୀତଦିନେ କ'ଣ ହେବାରୁ ବେଙ୍ଗମାନେ ଗୀତ ଗାଇପାରିଲେ ନାହିଁ ।

ଉ: ଶୀତଦିନେ ଥଣ୍ଡା ପାଗ ଓ ଶୀତ ଯୋଗୁଁ ବେଙ୍ଗମାନେ ଗୀତ ଗାଇପାରିଲେ ନାହିଁ ।

ଗ) ବେଙ୍ଗମାନେ ମାଟିତଳେ କିପରି ଶୋଇଲେ ?

ଉ: ବେଙ୍ଗମାନେ ମାଟିତଳେ ନିଃଶବ୍ଦରେ ନିଶ୍ଚଳ ହୋଇ ଶୋଇଲେ ।

ଘ) କେଉଁ ତିଥିରେ ବାଘମାମୁର ବାହାଘର ହୋଇଥିଲା ?

ଉ: ଆଷାଢ଼ ମାସର ଚତୁର୍ଦ୍ଦଶୀ ତିଥିରେ ବାଘମାମୁର ବାହାଘର ହୋଇଥିଲା ।

ଙ) ହନୁବଇଦ କେଉଁଥିରୁ ଔଷଧ ତିଆରି କରିଥିଲା ?

ଉ: ହନୁବଇଦ ବିଭିନ୍ନ ପ୍ରକାର ଉଦ୍ଭିଦର ଚେର ଆଣି ଔଷଧ ତିଆରି କରିଥିଲା ।

**୭. ବାକ୍ୟଗୁଡ଼ିକ ଅଧା ଲେଖା ହୋଇଛି । ତଳେ ଦିଆଯାଇଥିବା ଶବ୍ଦ ଲଗାଇ ବାକ୍ୟଗୁଡ଼ିକୁ ପୂରା କର ।**

କ) ନର୍ଦ୍ଦମା :- ଆମ ଘର ପାଖରେ ନର୍ଦ୍ଦମା ଅଛି ।

ଖ) ବୁଦ୍ଧିମତୀ :- ନୀନା ସିନା ସାନ କିନ୍ତୁ ଭାରି ବୁଦ୍ଧିମତୀ ।

ODM EDUCATIONAL GROUP Changing your Tomorrow

ଗ) ଶବ୍ଦ :- ବର୍ଷାଦିନେ ଘଡ଼ଘଡ଼ିର ଶବ୍ଦ ଆମକୁ ଭୟଭୀତ କରିଥାଏ ।

ଘ) ପଶ୍ଚାତାପ :- ଜ୍ୟୋତି ନିଜ ଦୋଷ ଜାଣିବା ପରେ ପଶ୍ଚାତାପ କଲା ।

ଙ) ଉଦ୍ଭିଦ :- ଜଙ୍ଗଲରେ ଅନେକ ପ୍ରକାର ଉଦ୍ଭିଦ ଦେଖିବାକୁ ମିଳେ ।

**୮. ତଳେ ଦିଆଯାଇଥିବା ଦୃଶ୍ୟଗୁଡ଼ିକ ଯେଉଁ ଋତୁ ସହ ସମ୍ପର୍କିତ, ତାହା ସହିତ ଗାରଟାଣି ଯୋଡ଼ ।**




**୯. ଉତ୍ତର ଲେଖ ।**

କ) ତୁମେ ପଶ୍ଚିମ ଦିଗକୁ ଅନାଇ ଠିଆ ହେଲେ ତୁମର ଦକ୍ଷିଣହସ୍ତ କେଉଁ ଦିଗକୁ ରହିବ ?

ଉ: ଆମେ ପଶ୍ଚିମ ଦିଗକୁ ଅନାଇ ଠିଆ ହେଲେ ଆମର ଦକ୍ଷିଣହସ୍ତ ଉତ୍ତର ଦିଗକୁ ରହିବ ।

ଖ) ତୁମେ ଦକ୍ଷିଣ ଦିଗକୁ ଅନାଇ ଠିଆ ହେଲେ ତୁମ ବାମହାତ କେଉଁ ଦିଗକୁ ରହିବ ?

ଉ: ଆମେ ଦକ୍ଷିଣ ଦିଗକୁ ଅନାଇ ଠିଆହେଲେ ଆମ ବାମହାତ ପୂର୍ବଦିଗକୁ ରହିବ ।

ଗ) ତୁମେ ଉତ୍ତରଦିଗକୁ ଅନାଇ ଠିଆ ହେଲେ ତୁମ ପିଠି କେଉଁ ଦିଗକୁ ରହିବ ?

ଉ: ଆମେ ଉତ୍ତର ଦିଗକୁ ଅନାଇ ଠିଆ ହେଲେ ଆମ ପିଠି ଦକ୍ଷିଣ ଦିଗକୁ ରହିବ ।

**୧୦. କେଉଁ ଦିନମାନଙ୍କରେ ଏହା ହେଉଥିବ ?**

 କ) ଚତୁର୍ଦ୍ଦିଗ କାଦୁଅ ପଚ୍‌ପଚ୍ ହୁଏ — ବର୍ଷାଦିନ

ଖ) ଛକ ଜାଗାମାନଙ୍କରେ ଜଳଛତ୍ର ଖୋଲାଯାଏ — ଖରାଦିନ

ଗ) ସକାଳୁ ସକାଳୁ କୁହୁଡ଼ି ଦେଖାଯାଏ — ଶୀତଦିନ

ଘ) କଳାଚଷମା, ଛତା, ଚପଲ, ପାଣିବୋତଲ ବ୍ୟବହାର ବଢ଼େ — ଖରାଦିନ

ଙ) ଲୋକେ ଗରମପୋଷାକ ବ୍ୟବହାର କରନ୍ତି — ଶୀତଦିନ

**୧୧. ଗୋଟିଏ ଶବ୍ଦ ବଦଳାଇ ବାକ୍ୟଟି ଠିକ୍ କରି ଲେଖ ।**

କ) ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦୟ ହୁଅନ୍ତି ।

ଉ: ସୂର୍ଯ୍ୟ ପଶ୍ଚିମ ଦିଗରେ ଅସ୍ତ ହୁଅନ୍ତି ।

ଖ) ଶୀତଦିନେ ବହୁତ ଗୁଳୁଗୁଳି ହୁଏ ।

ଉ: ଖରାଦିନେ ବହୁତ ଗୁଳୁଗୁଳି ହୁଏ ।

ଗ) ଖରାଦିନେ ପାଗ କୋହଲା ହୁଏ ।

ଉ: ବର୍ଷାଦିନେ ପାଗ କୋହଲା ହୁଏ ।

ଘ) ବର୍ଷାଦିନେ କୁହୁଡ଼ି ହୁଏ ।

ଉ: ଶୀତଦିନେ କୁହୁଡ଼ି ହୁଏ ।

ODM EDUCATIONAL GROUP Changing your Tomorrow

**୧୨. ଟିକିଏ ଭାବ, ଲେଖ ।**

ଯଦି ସୂର୍ଯ୍ୟ ନଥା'ନ୍ତା, ତାହା ହେଲେ କ'ଣ ହୁଅନ୍ତା ?

ଯଦି ସୂର୍ଯ୍ୟ ନଥା'ନ୍ତା, ତା'ହେଲେ ସମସ୍ତ ଜୀବଜଗତ ଓ ଉଦ୍ଭିଦ ଜଗତର ସ୍ଥିତି ନଥା'ନ୍ତା । ଆମେ ସୂର୍ଯ୍ୟକିରଣରୁ ବଞ୍ଚିତ ହୋଇଥା'ନ୍ତେ । ବୃକ୍ଷ ତାହାର ରନ୍ଧନ କ୍ରିୟା କରିପାରନ୍ତା ନାହିଁ । ସୂର୍ଯ୍ୟ ବିନା କୌଣସି ଜୀବନ ବଞ୍ଚିବା ସମ୍ଭବ ନୁହେଁ । କାରଣ ସୂର୍ଯ୍ୟ ହେଉଛନ୍ତି ସକଳ ଶକ୍ତିର ଆଧାର । ସୂର୍ଯ୍ୟଙ୍କ ଉପସ୍ଥିତି ସମଗ୍ର ବିଶ୍ୱପାଇଁ ନିତ୍ୟାନ୍ତ ଜରୁରୀ ଓ ଆବଶ୍ୟକ । ଉତ୍ତାପ ଅଭାବରୁ ସମଗ୍ର ଜୀବଜଗତ ଓ ଉଦ୍ଭିଦ ଜଗତ ଲୋପ ପାଇଯାଆନ୍ତା ।

**୧୩. ଯଦି ମୋଟେ ବର୍ଷା ହେବ ନାହିଁ, ତା' ହେଲେ କ'ଣ ହେବ ?**

ଯଦି ମୋଟେ ବର୍ଷା ହେବ ନାହିଁ, ତା'ହେଲେ ସମଗ୍ର ଜୀବଜଗତ ଓ ଉଦ୍ଭିଦ ଜଗତ ଲୋପ ପାଇଯିବ ବା ଧ୍ୱଂସ ହୋଇଯିବ । ଜଳ ହିଁ ଜୀବନ । ଜଳ ବିନା ଆମେ ବଞ୍ଚିପାରିବା ନାହିଁ ନା ପ୍ରାଣୀଜଗତ ନା ଜୀବଜଗତ । ସମସ୍ତଙ୍କ ପାଇଁ ଜଳ ନିତ୍ୟାନ୍ତ ଆବଶ୍ୟକ । ତେଣୁ ଜଳର ଅନ୍ୟନାମ ଜୀବନ । ନଦୀ, ନାଳ, ପୋଖରୀ ଧିରେ ଧିରେ ଶୁଖିଯିବ । ଜଳ ଅଭାବରୁ ଗଛଲତା ମରିଯିବେ । ପ୍ରାଣୀଜଗତ ଖାଦ୍ୟ, ଅମ୍ଳଜାନ ଓ ଜଳ ଅଭାବରୁ ମୃତ୍ୟୁବରଣ କରିବେ ।

**୧୪. ତଳେ ଦିଆଯାଇଥିବା ଡଙ୍ଗାମାନଙ୍କରେ ରଙ୍ଗ ଦିଅ ।**



♦♦♦